# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୦୭.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀମତୀ ନମିତା ମହାପାତ୍ର,
୫. ଶ୍ରୀ ବିପ୍ଳବ ବେହେରା,
୬. ଶ୍ରୀମତୀ ସ୍ୱରୁଲତା ସାମନ୍ତରାୟ

ଅଦ୍ୟ ତା ୧୪.୦୭.୨୦୨୩ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିର୍ମାଣ ହେଉଥିବା ବହୁତଳ ପ୍ରାସାଦ, ବ୍ୟବସାୟିକ ଗୃହ, Duplex Building, Layout Plan ଅନୁମୋଦନ ପରେ ଗୃହ ନିର୍ମାଣ କରାଯାଉଅଛି, ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ମୌଳିକ ସୁବିଧା ଯଥା:-ରାସ୍ତା, ନାଳ, ବିଦ୍ୟୁତ୍ ଇତ୍ୟାଦି କାର୍ଯ୍ୟ ପାଇଁ ପ୍ଲାନ୍‌ରେ ଦର୍ଶାଯାଇଥିବା ରାସ୍ତା ବ୍ୟକ୍ତିଗତ ଜମି ଦେଖାଦେଉଥିବାରୁ ରାସ୍ତା, ନାଳ, ବିଦ୍ୟୁତ୍, ସ୍ୱେରେଜ୍ ଲାଇନ୍ ଆଦି କାର୍ଯ୍ୟ ହୋଇପାରୁନାହିଁ, ତେଣୁ ସମସ୍ତ ଅନୁମୋଦିତ ନଥି ଗୁଡ଼ିକ କମିଟିରେ ଉପସ୍ଥାପନ କରିବା ପାଇଁ ନଗର ପ୍ଲାନରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେତେକ ବ୍ୟକ୍ତି Plotted Scheme ରେ ଜାଗା କ୍ରୟ କରି ଗୃହ ନିର୍ମାଣ କରିସାରିବା ପରେ ସେଠାରେ ରାସ୍ତା ଓ ନାଳ ଇତ୍ୟାଦି କାର୍ଯ୍ୟ ପାଇଁ ଜମିର ମାଲିକାନା ଯାଂଚ୍ ସମୟରେ ତାହା ବ୍ୟକ୍ତିଗତ ଜାଗା ଦେଖାଯାଉଥିବାରୁ ରାସ୍ତା, ନାଳ ଇତ୍ୟାଦି ନିର୍ମାଣ କରାଯାଇପାରୁନାହିଁ। ଫଳରେ ସେଠାରେ ବସବାସ କରୁଥିବା ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ପ୍ଲଟେଡ୍ ଜମି କ୍ରୟ କରିବା ପୂର୍ବରୁ ଅନୁମୋଦିତ Layout Plan ଯାଂଚ୍ କରି ଜାଗା କ୍ରୟ କରିବା ପାଇଁ ଖବରକାଗଜ ମାଧ୍ୟମରେ Planning Section ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୧୪.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୪.୦୭.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାରପର୍‌ସନ୍,
୨. ଶ୍ରୀ ଶିବ ପ୍ରସାଦ ବେହେରା,
୩. ଶ୍ରୀ ଚନ୍ଦ୍ରଶେଖର ମଲିଆ

ଅଦ୍ୟ ତା ୧୪.୦୭.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍‌ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍‌ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଡ଼ମଣା ହାଟ ଏକ କୋ-ଅପରେଟିଭ୍ ସୋସାଇଟି ଦ୍ୱାରା ପରିଚାଳିତ ହେଉଅଛି । ସେଠାରୁ ସେମାନେ ବ୍ୟବସାୟୀଙ୍କ ଠାରୁ ପଇସା ଆଦାୟ କରୁଛନ୍ତି, କିନ୍ତୁ ସେଠାରେ ଭୁବନେଶ୍ୱର ମହାନଗର ନିଗମ ସମସ୍ତ ସୁବିଧା ଓ ସେବା ଯୋଗାଉଅଛି ଏବଂ ସେଠାରୁ ବାହାରୁଥିବା ଅଳିଆ ଆବର୍ଜନା ସଫା କରୁଅଛି, ତେଣୁ ଉକ୍ତ ହାଟକୁ ଭୁବନେଶ୍ୱର ମହାନଗର ନିଗମ ଅଧିନକୁ ଆଣି ସେଠାରୁ ରାଜସ୍ୱ ଆଦାୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ କିଟ୍ କଲେଜ୍ ପାଖରେ ଥିବା ରାସ୍ତା ଉପରେ ବହୁତ ବ୍ୟକ୍ତି ଗାଡ଼ି ରଖୁଛନ୍ତି । ଫଳରେ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ସେଠାରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବଡ଼ ବଡ଼ ମଲ୍ ନିକଟରେ ବହୁତ ଗାଡ଼ି ରାସ୍ତା ଉପରେ ରହୁଥିବାରୁ ଜନସାଧାରଣ ଯାତାୟତରେ ବହୁତ ଅସୁବିଧା ହେଉଅଛି, ତେଣୁ ମଲର ମାଲିକ ମାନଙ୍କୁ ନିଜର ପାର୍କିଂ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ କିମ୍ବା ସେଠାରେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ପାର୍କିଂ ବ୍ୟବସ୍ଥା କରି ରାଜସ୍ୱ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ କଲ୍ୟାଣ ମଣ୍ଡପ ଗୁଡ଼ିକୁ PPP ମୋଡ୍‌ରେ ପରିଚାଳନା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମରେ ବହୁତ ଗୁଡ଼ିଏ JCB, Excavator, Truck ଭଡ଼ା ସୂତ୍ରରେ ଲାଗିଅଛି, କିନ୍ତୁ ସେଗୁଡ଼ିକ କେଉଁ ୱାର୍ଡ଼ରେ କେତେ ଦିନ କିମ୍ବା କେତେ ଘଣ୍ଟା କାମ କରୁଛନ୍ତି ତାହା ଜଣାପଡୁନାହିଁ । କେବଳ ପରିମଳ ନିରୀକ୍ଷକଙ୍କ ଦସ୍ତଖତରେ ତାଙ୍କର ବିଲ୍ ପଇଠ ହେଉଅଛି । ଜଣେ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ଦସ୍ତଖତରେ ବିଲ୍ ପଇଠ ହେଉଥିବାରୁ ତାହା ଠିକ୍ ହେଉନାହିଁ, ତେଣୁ ଉପରୋକ୍ତ ଗାଡ଼ି କେଉଁ ୱାର୍ଡ଼ରେ କେତେ ଘଣ୍ଟା ବା ଦିନ କାର୍ଯ୍ୟ କରିଅଛି ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କ ଠାରୁ ଲିଖିତ ଭାବେ ଆଣିଲେ ବିଲ୍ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଷ୍ଟାଣ୍ଡିଂ କମିଟିରେ ଆଂଚଳିକ ଅଧିକାରୀ ମାନେ ଉପସ୍ଥିତ ରହୁନଥିବାରୁ କମିଟିରେ ବିଭିନ୍ନ ବିଷୟ ଆଲୋଚନା ହୋଇପାରୁନାହିଁ, ତେଣୁ ପ୍ରତ୍ୟେକ ମାସ ଷ୍ଟାଣ୍ଡିଂ କମିଟିରେ ଆଂଚଳିକ ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ସଫେଇ ଠିକାଦାରମାନେ ୱାର୍ଡ଼ରେ ଠିକ୍ ଭାବରେ ସଫେଇ କାର୍ଯ୍ୟ କରୁନଥିବା କମିଟିଙ୍କ ନଜରକୁ ଆସୁଅଛି, ତେଣୁ ଠିକାଦାରମାନେ ଠିକ୍ ଭାବରେ ସଫେଇ କାର୍ଯ୍ୟ କରୁଛନ୍ତି ବୋଲି କର୍ପୋରେଟରଙ୍କ ଠାରୁ ଲିଖିତ ଭାବେ ଆଣିଲେ ସେମାନଙ୍କର ବିଲ୍ ପଇଠ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୪୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୪.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ
## କମିଟି ବୈଠକ ବିବରଣୀ

ତା ୧୫.୦୭.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ବିଗଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍,
୨. ଶ୍ରୀମତୀ ମିନୁଶ୍ରୀ ଖୁଂଟିଆ,
୩. ଶ୍ରୀମତୀ ଛବି ଦାଶ

ଅଦ୍ୟ ତା ୧୫.୦୭.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ହେଲ୍ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ୍ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ବିଗଂଚି ନାରାୟଣ ମହାସୁପକାର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପଡୁଥିବା ମୃତ ପ୍ରାଣୀଙ୍କର ମଢ ନିକାଶ ପାଇଁ ଆବଶ୍ୟକ ଜମି ଚିହ୍ନଟ କରିବା ଏବଂ ଉକ୍ତ ଜମି ନିଗମ ସପକ୍ଷରେ ଆବଂଟନ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ସହିତ ଜାମୁକୋଲି ଠାରେ ଚିହ୍ନଟ ଜମି ଉପରେ ଶୀଘ୍ର ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁର ନିକାଶ ପାଇଁ ଗାଡ଼କଣ TTS ଠାରେ 100 TPD Thermal/plasma based Municipal Solid Waste Disposal Plant ସ୍ଥାପନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ door to door ଅଳିଆ ସଂଗ୍ରହ କାର୍ଯ୍ୟରେ ନିୟୋଜନ ପାଇଁ ଆଉ ୪୦ (ଚାଳିଶି) ଗୋଟି Light Commercial Vehicles (Garbage Tipper) କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟର ସୁପରିଚାଳନା ପାଇଁ ଅଫିସିଆଲ୍ ଏବଂ ୱାର୍ଡ଼ ଅଫିସର ମାନଙ୍କୁ walkie talkie ଯୋଗାଇଦେବା ନିମନ୍ତେ ଆଉ ୮୦ (ଅଶୀ) ଗୋଟି walkie talkie କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ସହରର ମୁଖ୍ୟ ରାସ୍ତାକୁ ମେସିନ୍ ଦ୍ୱାରା ସଫେଇ କରୁଥିବା ମେକାନିକାଲ୍ ସଫେଇ ସଂସ୍ଥା M/s. Pro Power Sweeping Company Pvt. Ltd. & M/s. Laons Services (package-I) ଏବଂ Jagruti Welfare Organization (Package-II) ଙ୍କ ଚୁକ୍ତି ମିଆଦ ଆଉ ତିନି ମାସ ଆଇନ୍ ଅନୁଯାୟୀ ବୃଦ୍ଧି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବାହାରୁଥିବା Green Garbage ଏବଂ ମୋ ଖତ ପରିବହନ ପାଇଁ ହାଇଡ୍ରୋଲିକ୍ ବ୍ୟବସ୍ଥା ଥିବା ଆଉ ସାତ ଗୋଟି ୪୦୭ ଗାଡ଼ି କ୍ରୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱର ମହାନଗର ନିଗମାଂଚଳର ମୁଖ୍ୟ ରାସ୍ତା ଗୁଡ଼ିକ ମେକାନିକାଲ୍ ସଫେଇ କାର୍ଯ୍ୟ ପ୍ରାଇଭେଟ୍ ସଂସ୍ଥା ଦ୍ୱାରା କରାଯାଉଥିବାରୁ ଅଧିକ ଅର୍ଥ ଖର୍ଚ୍ଚ ହେଉଅଛି, ତେଣୁ ଏହି କାର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମ ନିଜେ କରିବା ପାଇଁ ୩ (ତିନି) ଗୋଟି ମେକାନିକାଲ୍ ସ୍ୱିପିଙ୍ଗ୍ ମେସିନ୍ କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ଅଳିଆ ସଂଗ୍ରହ କରୁଥିବା ଗାଡ଼ି ଏବଂ Green Garbage ଗାଡ଼ିର ତଥ୍ୟ କଂଟ୍ରୋଲ୍ ରୁମ୍‌ରୁ ତଦାରଖ କରିବା ପାଇଁ ଡ଼ିଭାଇସ୍ ସ୍ଥାପନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୯). ଭୁବନେଶ୍ୱର ମହାନଗର ନିଗମାଂଚଳ, ତୁମୁଡୁମା ମାର୍କେଟ୍ ନିକଟରେ ଅଳିଆ ଜମା ହେଉଥିବା ସ୍ଥାନରେ କେତେକ ବ୍ୟକ୍ତି ଗୋଶାଳା କରିଛନ୍ତି । ସେଠାରେ ମୃତ୍ୟୁ ହେଉଥିବା ଗୋରୁଗାଈଙ୍କର ମଧ୍ୟ ଅଳିଆ ଜମା ହେଉଥିବା ସ୍ଥାନରେ ପୋତୁଥିବାରୁ ସେଠାରେ ପରିବେଶ ଦୂଷିତ ହେଉଅଛି, ଉକ୍ତ ଗୋଶାଳାକୁ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୦). ଭୁବନେଶ୍ୱର ମହାନଗର ନିଗମର ଯେଉଁ ଆଂଟିଲାର୍ଭା ଓ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଦୀର୍ଘ ଦିନ କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି, ସେମାନଙ୍କୁ ଆଇନଗତ ଭାବେ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୧). ବର୍ତ୍ତମାନ ମଶା ବଂଶ ବୃଦ୍ଧି ତଥା ଡେଙ୍ଗୁ ରୋଗ ବ୍ୟାପୁଥିବାରୁ ଭୁବନେଶ୍ୱର ମହାନଗର ନିଗମାଂଚଳରେ Mass fogging କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ସଫେଇ ଠିକାଦାର ମାନେ ଠିକ୍ ଭାବରେ ବୁସ୍ କଟିଙ୍ଗ୍ କରୁନଥିବାର କମିଟିଙ୍କ ଦୃଷ୍ଟିକୁ ଆସୁଅଛି, ତେଣୁ ସଫେଇ ଠିକାଦାର ମାନେ ଅଧିକ କର୍ମଚାରୀ ନିୟୋଜନ କରି ଭଲଭାବେ ବୁସ୍ କଟିଙ୍ଗ୍ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଓଭର୍ ବ୍ରିଜ୍‌ର ଅଣ୍ଡର୍ ପାସ୍‌ରେ ପାଣି ଜମୁଥିବାରୁ ସେଠାରେ ମଶା ବଂଶ ବୃଦ୍ଧି ହେଉଅଛି, ଏହାକୁ ସଫା କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରାସ୍ତାଲୋକ ଖରାପ ହେଲେ ମରାମତି ପାଇଁ ଅଭିଯୋଗ ଦେଲେ ୱାର୍ଡ଼ରେ E-smart ଓ NEEV ର ଲାଇଟ୍ ଥିବାରୁ କେତେବେଳେ E-smart ର କର୍ମଚାରୀ ଓ କେତେବେଳେ NEEV ର କର୍ମଚାରୀ ମରାମତି ପାଇଁ ଯାଉଛନ୍ତି, ଅଧା ଲାଇଟ୍ ମରାମତି ହେଉଅଛି, ଅଧା ମରାମତି ହେଉନଥିବାରୁ ଜନସାଧାରଣଙ୍କର ଭୁବନେଶ୍ୱର ମହାନଗର ନିଗମ ବିଷୟରେ ଭୁଲ୍ ଧାରଣା ସୃଷ୍ଟି ହେଉଅଛି, ତେଣୁ ଗୋଟିଏ ୱାର୍ଡ଼କୁ ଦୁଇଟି ସଂସ୍ଥା ଗୋଟିଏ ଦିନରେ ପ୍ରୋଗ୍ରାମ୍ କରି ଲାଇଟ୍ ମରାମତି କରିବାକୁ ଗଲେ ଠିକ୍ ଭାବରେ କାର୍ଯ୍ୟ ହୋଇପାରିବ, ତେଣୁ ଗୋଟିଏ ଦିନରେ ଦୁଇ ଗୋଟି ସଂସ୍ଥା ୱାର୍ଡ଼କୁ ଲାଇଟ୍ ମରାମତି ପାଇଁ ପ୍ରୋଗ୍ରାମ୍ କରି ଯିବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗଛ କାଟିବା ପାଇଁ ହାଇଡ୍ରୋଲିକ୍ ଲ୍ୟାଡ଼ର୍ କ୍ରୟ କରାଯାଇଅଛି, କିନ୍ତୁ ଡ୍ରାଇଭର ଏବଂ ଗଛ କାଟିବା ପାଇଁ ଲୋକ ନଥିବାରୁ ଗଛ ଡ଼ାଳ କଟା ହୋଇପାରୁନାହିଁ, ତେଣୁ ଉକ୍ତ ଗାଡ଼ି ପାଇଁ ଡ୍ରାଇଭର ଏବଂ କର୍ମଚାରୀ ଯୋଗାଇ ଦେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଏମ୍.ସି.ସି/ଏମ୍.ଆର୍.ଏଫ୍ ରୁ ଅଳିଆ/ଖତ ପରିବହନ ପାଇଁ ୪ (ଚାରି) ଗୋଟି one side ladder କ୍ରୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୭). ଗଛକଟା ନିମନ୍ତେ ବଡ଼ ଓ ଛୋଟ ମିଶାଇ ୧୫ ଗୋଟି ମେସିନ୍ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୮). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ଶ୍ମଶାନକୁ ଆସୁଥିବା ମୃତ ଶରୀରକୁ ଦାହ କରିବା ନିମନ୍ତେ ଆବଶ୍ୟକ ହେଉଥିବା ଦ୍ରବ୍ୟ ସୁଲଭ ମୂଲ୍ୟରେ ହରିଶ୍ଚନ୍ଦ୍ର ଯୋଜନାରେ ପାଉଥିବା ଅର୍ଥ ବଦଳରେ ଉକ୍ତ ଦ୍ରବ୍ୟ ସାଧାରଣ ପ୍ରଶାସନ ବିଭାଗଙ୍କ ଦ୍ୱାରା ଆଦୃତ ନିୟମାବଳୀର ପଦାଙ୍କ ଅନୁସରଣ କରି ସତ୍ୟନଗର ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା କରିବା ପାଇଁ ଗୋଟିଏ ଦୋକାନ ଗୃହ ଏବଂ ଦୋକାନ ପରିଚାଳନା ଓ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଜଣେ କର୍ମଚାରୀ ନିୟୋଜନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୧୯). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ପାର୍କ ଗୁଡ଼ିକର ସୁପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୨୫(ପଚିଶି) ଜଣ ଗାର୍ଡ଼େନର୍ ରଖିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିଂଚି ନାରାୟଣ ମହାସୁପକାର
ସଭାପତି
ତା ୧୫.୦୭.୨୦୨୩ ରିଖ

(ହସ୍ତାକ୍ଷର) 15/7/23

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୭.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ ବନ୍ଦିତା ପାଲ୍,
୩. ଶ୍ରୀମତୀ ଧରିତ୍ରୀ ଜେନା,
୪. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା ୧୭.୦୭.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ନିଜସ୍ୱ କର୍ମଚାରୀଙ୍କ ଦ୍ୱାରା ତିନି ଗୋଟି ୱାର୍ଡ଼ର ସଫେଇ କାର୍ଯ୍ୟ କରାଯାଉଅଛି, ଉକ୍ତ ୱାର୍ଡ଼ରେ ନିୟୋଜିତ ସଫେଇ କର୍ମଚାରୀ ମାନଙ୍କୁ ନିୟମିତ କାର୍ଯ୍ୟକୁ ଆସୁନଥିବାରୁ ସଫେଇ କାର୍ଯ୍ୟ ଠିକ୍ ଭାବରେ ହେଉନାହିଁ, ତେଣୁ କର୍ମଚାରୀ ମାନଙ୍କ ବାଇଓମେଟ୍ରିକ୍ ହାଜିରା ଦିନକୁ ୪ ଥର ନେବାପାଇଁ ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ନିଗମର ସଫେଇ କର୍ମଚାରୀଙ୍କୁ ପୋଷାକ ଭତା ପ୍ରଦାନ କରାଯାଉଅଛି, ବର୍ଷା ସମୟରେ ସଫେଇ କର୍ମଚାରୀ ମାନେ ସଫେଇ କାର୍ଯ୍ୟକୁ ଆସୁନଥିବାରୁ ସଫେଇ କାର୍ଯ୍ୟ ହୋଇପାରୁନାହିଁ, ତେଣୁ ବର୍ଷା ସମୟରେ ସଫେଇ କର୍ମଚାରୀମାନେ ବର୍ଷାତି ପିନ୍ଧି ସଫେଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ପୂର୍ବାହ୍ନ ୧୧.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୧୭.୦୭.୨୦୨୩ ରିଖ

17/7/23

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୭.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୧୭.୦୭.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୧୭, ବାଣୀବିହାର, ସତ୍ସଙ୍ଗ ବିହାର ନିକଟସ୍ଥ under pass ନିକଟରେ ବହୁ ଗାଡ଼ି ରହୁଥିବାରୁ ଜନସାଧାରଣ ମାନଙ୍କର ଯାତାୟତରେ ଅସୁବିଧା ହେଉଅଛି, କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ତା ୨୦.୦୧.୨୦୨୩ ରିଖରେ ଓ ନିର୍ଦ୍ଧାରଣ ସଂଖ୍ୟା-୧(୨) ତା ୧୬.୦୩.୨୦୨୩ ରିଖରେ ଜୋନାଲ୍ ଡ଼େପୁଟି କମିଶନର (ଉତର) ଉକ୍ତ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କଲେ । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ ନଂ-୨୦ ସ୍ଥିତ ଲୋୟଲା ସ୍କୁଲ୍ ପାଖରେ ଗୋଟିଏ ଭେଣ୍ଡିଂଜୋନ୍ ନିର୍ମାଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଖଣ୍ଡଗିରି ଛକ ଠାରୁ ଜାଗମରା ମଧରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କୁ ସୁବ୍ୟବସ୍ଥିତ କରିବା ପାଇଁ ଉକ୍ତ ରାସ୍ତା ପାର୍ଶ୍ୱରେ ଏକ ଭେଣ୍ଡିଂଜୋନ୍ ନିର୍ମାଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଲୋୟଲା ସ୍କୁଲ୍ ନିକଟରେ ପାର୍କିଙ୍ଗର ସମସ୍ୟା ସୃଷ୍ଟି ହେଉଅଛି । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ DCP Traffic ଙ୍କୁ ଜଣାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୭.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୭.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ବିନୟିନୀ ଜେନା, ଚେୟାରପରସନ୍,
୨. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୩. ଶ୍ରୀମତୀ ଇତିଶ୍ରୀ ଦାସ,
୪. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୧୮.୦୭.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବହୁ ବୃଦ୍ଧ, ବୃଦ୍ଧା, ବିଧବା, ଦିବ୍ୟାଙ୍ଗମାନେ ଭତା ପାଇବା ପାଇଁ ଆବେଦନ କରିଥିଲେ ମଧ ଭତା ପାଇନାହାଁନ୍ତି, ତେଣୁ ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଉ ଏବଂ ଭତା ପାଉଥିବା ମୃତ ବ୍ୟକ୍ତିଙ୍କ ସ୍ଥାନରେ ନୂତନ ହିତାଧିକାରୀ ଚୟନ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଚଳିତ ବର୍ଷ କେତେ ହିତାଧିକାରୀ ମୃତ୍ୟୁବରଣ କରିଛନ୍ତି ସେମାନଙ୍କର ୱାର୍ଡୱାରୀ ତାଲିକା ଉପ ଆୟୁକ୍ତ, ସମାଜ ମଙ୍ଗଳଙ୍କୁ ଆଂଚଳିକ ଅଧିକାରୀମାନେ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ ନଂ-୧୧ ଓ ୧୩ ରେ କେତେକ ରାସ୍ତା ଉପରେ ଗଛ ଡ଼ାଳ ମାଡ଼ିଯିବାରୁ ରାସ୍ତା ଉପରେ Street light ପଡୁନାହିଁ, ବାରମ୍ବାର ପରିବେଶ ଅଧିକାରୀଙ୍କୁ ଗଛଡ଼ାଳ କାଟିବା ପାଇଁ କହିଲେ ମଧ କାର୍ଯ୍ୟ ହେଉନାହିଁ, ତେଣୁ ଉପରୋକ୍ତ ଦୁଇ ଗୋଟି ୱାର୍ଡ ସହିତ ଅନ୍ୟ ସମସ୍ତ ୱାର୍ଡରେ ରାସ୍ତା ଉପରକୁ ମାଡ଼ିଥିବା ଗଛଡ଼ାଳ କାଟିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ପ୍ରତି ମାସରେ ଭତା ବାଂଟିବା ସମୟରେ ଭତା ପାଉଥିବା ଯେଉଁ ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବ ସେମାନଙ୍କ ତାଲିକା ପ୍ରତ୍ୟେକ ମାସରେ ଉପ ଆୟୁକ୍ତ, ସମାଜ ମଙ୍ଗଳଙ୍କୁ ଦେବାପାଇଁ ଆଂଚଳିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ଗୋଶାଳା ଏବଂ ଆହାର କେନ୍ଦ୍ର କିଭଳି ପରିଚାଳିତ ହେଉଅଛି କମିଟି ତାହାର ଅଚାନକ ପରିଦର୍ଶନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଉପ ଆୟୁକ୍ତ, ABC ଏବଂ ଉପ ଆୟୁକ୍ତ, NULM ଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୪.୫୫ ଟିକା ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା ୧୮.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୭.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀ ଅଜିତ୍ ବେହେରା,
୩. ସକିବା ମୁଶରତ୍,
୪. ପୂଜା ବେହେରା

ଅଦ୍ୟ ତା ୧୯.୦୭.୨୦୨୩ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ବସ୍ତିରେ କେତେକ ଧନୀ ବ୍ୟକ୍ତି ବଡ଼ ବଡ଼ କୋଠାଘର ନିର୍ମାଣ କରି ରହିଛନ୍ତି । ସେମାନଙ୍କର ଭୁବନେଶ୍ୱରରରେ ଅନ୍ୟ ଜାଗାରେ ମଧ୍ୟ ପକ୍କା ଘର ଅଛି କିନ୍ତୁ ସେମାନେ LRC ପାଇବା ପାଇଁ ତାଲିକାରେ ନାମ ଅଛି, SDA ମାନେ ବସ୍ତିରେ ରହୁଥିବା ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ଦେବାପାଇଁ ଦାୟିତ୍ୱ ଦିଆଯାଇଅଛି, ଯଦି ସମ୍ପୃକ୍ତ ବସ୍ତିରେ ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାହାରେ ତେବେ ସମ୍ପୃକ୍ତ ବସ୍ତିର SDA ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର କେତେକ ବସ୍ତିରେ ସାର୍ଟଲାଇଟ୍/ଡ୍ରୋନ୍ ସର୍ଭେ ସମୟରେ କିଛି ବସ୍ତିରେ କେତେକ ଅଂଶର ଫଟୋ ଆସୁନଥିବାରୁ ସେହି ଅଂଶରେ ରହୁଥିବା ବସ୍ତିବାସିନ୍ଦା LRC ପାଇବା ପାଇଁ ବଂଚିତ ହେଉଛନ୍ତି, ତେଣୁ ସେହି ବସ୍ତିର ସାର୍ଟଲାଇଟ୍/ଡ୍ରୋନ୍ ସର୍ଭେ ଆଉ ଥରେ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ବସ୍ତିବାସିନ୍ଦା ଅନ୍ୟ ବିଭାଗର ଜମି ଉପରେ ଘର କରି ବସବାସ କରୁଥିବାରୁ ସେମାନଙ୍କୁ LRC ଦେବାପାଇଁ ଅସୁବିଧା ହେଉଅଛି, ତେଣୁ ସମ୍ପୃକ୍ତ ବିଭାଗଙ୍କ ଠାରୁ NOC ଆଣିବା ପାଇଁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଚେନାଇର ନୋଚିକୁପ୍ପମ୍ ସହରରେ ବସ୍ତିବାସିନ୍ଦାଙ୍କୁ କିଭଳି ଥଇଥାନ କରାଯାଇଅଛି ତାହା ଦେଖିବା ପାଇଁ କମିଟି Exposer Visit ରେ ଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ ଅରବିନ୍ଦନଗରରେ ନିର୍ମାଣ ହୋଇଥିବା BSUP ଘରରୁ ସ୍ୱେରେଜ୍ ପାଣି ନିଷ୍କାସନ ହୋଇପାରୁନଥିବାରୁ ସେଠାରେ ବସବାସ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୯.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୦୭.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା :-
୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ଶ୍ରୀ ଲାଲ୍‌ମୋହନ ଟୁଡୁ,
୩. ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ,
୪. ମୋନାଲିସା ବେହେରା

ଅଦ୍ୟ ତା ୧୯.୦୭.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ବର୍ଷାଋତୁ ଆରମ୍ଭ ହେଲାଣି, ତେଣୁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ବୃକ୍ଷରୋପଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚ୍ଚର ନିମନ୍ତେ ଏକ ୱାଲ୍ ମାଗାଜିନ୍‌ରେ Front office ରେ ପ୍ରକାଶ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଚଳିତ ବର୍ଷ ତା ୩୧.୦୮.୨୦୨୩ ରିଖରେ ପାଳନ ହେବାକୁ ଥିବା ସ୍ୱାୟତ ଶାସନ ଦିବସ ପାଇଁ ଜଣେ ଗଣ୍ଠିଳ (Nodal) ଅଧିକାରୀଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୯.୦୭.୨୦୨୩ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୭.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା,
୩. ଶ୍ରୀମତୀ ଜୟନ୍ତି ସାହୁ,
୪. ଶ୍ରୀମତୀ ସମିତା ମହାନ୍ତି,
୫. ଶ୍ରୀ ସନ୍ତୋଷ କୁମାର ସିଂହ,
୬. ଶ୍ରୀ ଶ୍ରୀଧର ବେହେରା

ଅଦ୍ୟ ତା ୨୦.୦୭.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅମରେଶ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ସ୍ଥାନରେ ମୁଖ୍ୟ ନାଳ କାର୍ଯ୍ୟ ହୋଇଥିଲେ ମଧ ସବ୍‌ଲେନ୍ ନାଳ ଗୁଡ଼ିକ ମୁଖ୍ୟ ନାଳକୁ ସଂଯୋଗ କରାଯାଇନଥିବାରୁ ସମ୍ପୃକ୍ତ ଅଂଚଳରୁ ଜଳ ନିଷ୍କାସନ ହୋଇପାରୁନାହିଁ, ତେଣୁ ସବ୍‌ଲେନ୍ ନାଳ ଗୁଡ଼ିକୁ ମୁଖ୍ୟ ନାଳ ସହିତ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ ନଂ-୫୭ ରେ SURE ପ୍ରୋଜେକ୍ଟରେ ନିର୍ମାଣ ହେଉଥିବା ରାସ୍ତା ସଠିକ୍ ଭାବରେ ନିର୍ମାଣ ହୋଇନଥିବା କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ଏହି କାର୍ଯ୍ୟ ମାନନୀୟା ମେୟରଙ୍କ ଅଧକ୍ଷତାରେ ନଗର ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୩ ଉକ୍ତ ରାସ୍ତା ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଠିକ୍ ଭାବରେ ଜଳ ନିଷ୍କାସନ ହୋଇନପାରିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ନାଳ ନିର୍ମାଣ କରିବା ପାଇଁ ଆବଶ୍ୟକ ହେଉଥିବା ଜମି ଅର୍ଜନ (Land acquisition) ପାଇଁ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କୁ ଅନୁରୋଧ କରାଯାଇଅଛି, କିନ୍ତୁ ଜିଲ୍ଲାପାଳ, ଖୋର୍ଦ୍ଧା ଏପର୍ଯ୍ୟନ୍ତ ଭୂମି ଅର୍ଜନ କରିନଥିବାରୁ ନାଳ ନିର୍ମାଣ କାର୍ଯ୍ୟ ହୋଇନପାରିବାରୁ ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ସ୍ଥାନରେ ଜଳମଗ୍ନ ହେଉଅଛି, ଏ ବିଷୟରେ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ସହିତ ଆଲୋଚନା କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଗତବର୍ଷ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟେକ ୱାର୍ଡ଼କୁ ଆଲଟ୍‌ମେଂଟ ହୋଇଥିବା ଅର୍ଥରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ୮୮% ସମ୍ପୂର୍ଣ୍ଣ ହୋଇଗଲାଣି ଏବଂ ଆଉ ୧୨ % କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଅଛି ବୋଲି ବୈଠକରେ ଉପସ୍ଥିତ ନଗର ଯନ୍ତ୍ରୀ କମିଟିଙ୍କୁ ଅବଗତ କରାଇଥିଲେ । ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟେକ ୱାର୍ଡ଼କୁ ୨ (ଦୁଇ) କୋଟି ଲେଖାଏଁ ଅର୍ଥ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମର ପ୍ରତ୍ୟେକ ୱାର୍ଡ଼ରେ ହେଉଥିବା କାର୍ଯ୍ୟର ସ୍ଥିତି ସମ୍ପର୍କିତ ତଥ୍ୟ ୱାର୍ଡ଼ୱାରୀ ତାଲିକା ଆସନ୍ତା ମାସ ଷ୍ଟାଣ୍ଡିଂ କମିଟିରେ ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଚଳିତ ବର୍ଷାଋତୁରେ ରାସ୍ତା, ନାଳ ଓ କଭର୍ ସ୍ଲାବ୍ ନଷ୍ଟ ହେଉଥିବାରୁ ଏହାର ଜରୁରୀ ମରାମତି ନିମନ୍ତେ ପ୍ରତ୍ୟେକ ୱାର୍ଡ଼କୁ ୧୦ (ଦଶ) ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୩୭ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ଅମରେଶ ଜେନା
ସଭାପତି
ତା ୨୦.୦୭.୨୦୨୩ ରିଖ